# NATIONAL NEWS BULLETIN (ODIA)

**23 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆ ପରିସ୍ଥିତି ଓ ଭାରତର ଭୂମିକା ନେଇ ଆଜି ଅପରାହ୍ନରେ ଲୋକସଭାରେ ବକ୍ତବ୍ୟ ରଖିବେ ପ୍ରଧାନମନ୍ତ୍ରୀ

- କର୍ପୋରେଟ୍ ଆଇନ ସଂଶୋଧନ ବିଧେୟକ-୨୦୨୬କୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇବାକୁ ଲୋକସଭାରେ ନିଷ୍ପତ୍ତି

- ଆସାମ, କେରଳ ଏବଂ ପୁଡୁଚେରୀ ବିଧାନସଭା ନିର୍ବାଚନ ପାଇଁ ଆଜି ପ୍ରାର୍ଥିପତ୍ର ଦାଖଲର ଶେଷଦିନ

– ଆକାଶବାଣୀ ଓ ଦୂରଦର୍ଶନରେ ରାଜନୈତିକ ଦଳଗୁଡ଼ିକୁ ଦଳୀୟ ଆଭିମୁଖ୍ୟ ପ୍ରସାରଣ ପାଇଁ ସମୟ ଆବଣ୍ଟନ କଲେ ନିର୍ବାଚନ ଆୟୋଗ

- ଶହୀଦ ଦିବସ ଅବସରରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କଲେ ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

ଏବଂ

- ଛତିଶଗଡ଼ରେ ଆସନ୍ତା ୨୫ରୁ ଆରମ୍ଭ ହେବ ଖେଲୋ ଇଣ୍ଡିଆ ଟ୍ରାଇବାଲ୍ ଗେମ୍ସ

# ଏଲ୍‌ଏସ୍‌-ପିଏମ୍ ୱେଷ୍ଟ ଏସିଆ

ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତି ଏବଂ ଏଥିରେ ଭାରତର ସ୍ଥିତି ନେଇ ଆଜି ଅପରାହ୍ନରେ ଲୋକସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବକ୍ତବ୍ୟ ରଖିବେ । ଗତକାଲି ସୁରକ୍ଷା ସଂପର୍କିତ କ୍ୟାବିନେଟ୍ କମିଟି ବୈଠକରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ ପଶ୍ଚିମ ଏସିଆ ପରିସ୍ଥିତି ସଂପର୍କରେ ସମୀକ୍ଷା କରିଥିଲେ । ଶ୍ରୀ ମୋଦୀ କହିଛନ୍ତି, ଏହି ସଂଘର୍ଷ ଯୋଗୁଁ ବିଶ୍ୱ ପ୍ରଭାବିତ ହେଉଛି। ସେ କହିଛନ୍ତି, ଏପରି ପରିସ୍ଥିତିରେ, ଏହି ସଂଘର୍ଷର ପ୍ରଭାବରୁ ନାଗରିକମାନଙ୍କୁ ସୁରକ୍ଷା ଦେବା ପାଇଁ ସମସ୍ତ ପ୍ରୟାସ କରାଯିବା ଆବଶ୍ୟକ। ନାଗରିକମାନଙ୍କୁ ସର୍ବନିମ୍ନ ସୁବିଧା ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ସମସ୍ତ ବିଭାଗ ଏକାଠି କାମ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ପ୍ରଧାନମନ୍ତ୍ରୀ ଏକ ମନ୍ତ୍ରୀ ଓ ସଚିବସ୍ତରୀୟ ଗୋଷ୍ଠୀ ଗଠନ କରି ସରକାରଙ୍କ ପଦକ୍ଷେପ ଗୁଡ଼ିକର ସଫଳ ରୂପାୟନ ଦିଗରେ କାର୍ଯ୍ୟ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

ବୈଠକରେ, କ୍ୟାବିନେଟ ସଚିବ ଡକ୍ଟର ଟି ଭି ସୋମନାଥନ ବିଶ୍ୱ ପରିସ୍ଥିତି ଏବଂ ସମସ୍ତ ମନ୍ତ୍ରଣାଳୟ ଏବଂ ବିଭାଗ ଦ୍ୱାରା ଏପର୍ଯ୍ୟନ୍ତ ନିଆଯାଇଥିବା ପଦକ୍ଷେପ ଉପରେ ଉପସ୍ଥାପନ ଦେଇଥିଲେ।

---

# ଏଲ୍ଏସ୍-କର୍ପୋରେଟ୍ ବିଲ୍ ଜେପିସି

ଲୋକସଭାରେ ଆଜି ଆଗତ କରାଯାଇଥିବା କର୍ପୋରେଟ୍ ଆଇନ ସଂଶୋଧନ ବିଧେୟକ-୨୦୨୬କୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇ ଦିଆଯାଇଛି । କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଏହି ବିଲ୍ ଆଗତ କରିବା ପରେ ଏହାର ସଂପୂର୍ଣ୍ଣ ବିଶ୍ଳେଷଣ ପାଇଁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇବା ପାଇଁ ପ୍ରସ୍ତାବ ଦେଇଥିଲେ । ଲୋକସଭାରେ ଏହି ପ୍ରସ୍ତାବକୁ ଗ୍ରହଣ କରାଯାଇଛି ।

କର୍ପୋରେଟ ସଂଶୋଧନ ଆଇନ ବିଧେୟକରେ ଲିମିଟେଡ୍ ଲାୟାବିଲିଟି ପାର୍ଟନରସିପ୍ ଆଇନ-୨୦୦୮ ଏବଂ କମ୍ପାନି ଆଇନ-୨୦୧୩ରେ ସଂଶୋଧନ ପ୍ରସ୍ତାବ ରହିଛି । ତେବେ ବିଧେୟକ ଆଗତ ହେବା ପୂର୍ବରୁ କଂଗ୍ରେସ ସାଂସଦ ମନୀଷ ତିୱାରୀ, ଟିଏମ୍ସି ସାଂସଦ ସୌଗତ ରାୟ ଏବଂ ଡିଏମ୍କେ ସାଂସଦ ଡକ୍ଟର ଟି.ସୁମାଥୀ ଏହାକୁ ବିରୋଧ କରିଥିଲେ ।

# ନୋମିନେସନ୍ - ଆସେମ୍ବ୍ଲି ପୋଲ୍ସ୍

ଆସାମ, କେରଳମ ଏବଂ ପୁଡୁଚେରୀରେ ବିଧାନସଭା ନିର୍ବାଚନ ପାଇଁ ଆଜି ନାମାଙ୍କନପତ୍ର ଦାଖଲ ଶେଷ ହେଉଛି । ଅପରାହ୍ଣ ୩ଟା ପର୍ଯ୍ୟନ୍ତ ପ୍ରାର୍ଥପତ୍ର ଦାଖଲ କରାଯାଇପାରିବ । ଆସନ୍ତା ମାସ ୯ ତାରିଖରେ ଦୁଇଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଗୋଟିଏ ପର୍ଯ୍ୟାୟରେ ଭୋଟଗ୍ରହଣ

କରାଯିବ। ଆସନ୍ତାକାଲି ନାମାଙ୍କନ ପତ୍ର ଯାଞ୍ଚ କରାଯିବ। ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାର ଶେଷ ତାରିଖ ଆସନ୍ତା ୨୬ ତାରିଖ ରହିଛି ।

କେରଳମ୍‌ରେ ଏପର୍ଯ୍ୟନ୍ତ ୩୪୧ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡ଼ିଛି ।

ତାମିଲନାଡୁରେ, ଏପ୍ରିଲ ୨୩ରେ ଗୋଟିଏ ପର୍ଯ୍ୟାୟରେ ଭୋଟଗ୍ରହଣ ହେବ। ପଶ୍ଚିମବଙ୍ଗରେ, ଏପ୍ରିଲ୍ ୨୩ ଏବଂ ୨୯ ତାରିଖରେ ଦୁଇଟି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯିବ। ତାମିଲନାଡୁ ପାଇଁ ଏବଂ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପାଇଁ ବିଜ୍ଞପ୍ତି ଆସନ୍ତା ୩୦ ତାରିଖରେ ଜାରି କରାଯିବ। ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ ପାଇଁ ବିଜ୍ଞପ୍ତି ଆସନ୍ତାମାସ ୨ ତାରିଖରେ ପ୍ରକାଶ ପାଇବ ।

ସମସ୍ତ ଚାରୋଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଭୋଟ ଗଣତି ମେ ମାସ ୪ ତାରିଖରେ ଅନୁଷ୍ଠିତ ହେବ।

ଆସାମ ବିଧାନସଭାର କାର୍ଯ୍ୟକାଳ ମଇ ମାସ ୨୦ ତାରିଖରେ ଶେଷ ହେଉଥିବାବେଳେ, କେରଳମ ବିଧାନସଭା ମଇମାସ ୨୩, ପୁଡୁଚେରୀ ବିଧାନସଭା ଜୁନ ମାସ ୧୫, ତାମିଲନାଡୁ ବିଧାନସଭା ମଇ ୧୦ ଏବଂ ପଶ୍ଚିମବଙ୍ଗ ବିଧାନସଭାର କାର୍ଯ୍ୟକାଳ ମଇ ମାସ ୭ ତାରିଖରେ ଶେଷ ହେବ।

ନିର୍ବାଚନ ଆୟୋଗ ଆଜି ପଶ୍ଚିମବଙ୍ଗ ଓ କେରଳମ୍‌ର ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିବେ । ଆୟୋଗ’ ଜିଲ୍ଲା ନିର୍ବାଚନ ଅଧିକାରୀ, ପୋଲିସ୍ କମିଶନର, ଆରକ୍ଷୀ ଅଧିକ୍ଷକଙ୍କ ସହ ଅପରାହ୍ନ ୪ଟାରେ ଆଭାସୀ ଜରିଆରେ ବୈଠକ କରିବେ ବୋଲି ଜଣାପଡ଼ିଛି ।

ଆସାମରେ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି । ଶାସକ ବିଜେପି-ଏଜିପି ମେଣ୍ଟ ସମେତ ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରୁଛନ୍ତି । ବିଜେପି ପକ୍ଷରୁ ବିଜୟ ଗୁପ୍ତା, ଦିପ୍ଲୁ ରଂଜନ ଶର୍ମା, ପ୍ରଦୀପ୍ତ ବୋରୋଦୋଲଇଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ କଂଗ୍ରେସ ମୀରା ବୋରଥାକୁର, ଶାନ୍ତନୁ ଶର୍ମା, ବିଦୀଶା ନିୟୋଗ ପ୍ରମୁଖଙ୍କୁ ପ୍ରାର୍ଥୀ କରିଛି ।

ପୁଡୁଚେରୀରେ ବିଜେପି ପକ୍ଷରୁ ସମସ୍ତ ୧୦ଟିଯାକ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି । AIADMK ପକ୍ଷରୁ ଦୁଇଟି ଆସନରେ ପ୍ରାର୍ଥୀ ଦିଆଯାଇଥିବା ବେଳେ କଂଗ୍ରେସ-ଡିଏମ୍‌କେ ମେଣ୍ଟ ଆସନ ବୁଝାମଣା ନେଇ ଏପର୍ଯ୍ୟନ୍ତ କୌଣସି ଘୋଷଣା କରାଯାଇ ନାହିଁ ।

ଅନ୍ୟପକ୍ଷରେ ଅଭିନେତା ବିଜୟଙ୍କ ଦଳ ଟିଭିକେ ୩୦ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରିଛି ।

ଆସାମରେ ବିଜେପି ଏବଂ ବିରୋଧୀଦଳଗୁଡ଼ିକ ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି । ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଜାଲୁକବାଡ଼ିରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଏପର୍ଯ୍ୟନ୍ତ ୧୧୬ଜଣ ପ୍ରାର୍ଥୀ ୨୧୯ଟି ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡ଼ିଛି ।

ନାଗାଲ୍ୟାଣ୍ଡରେ ବିଧାନସଭା ଉପନିର୍ବାଚନ ପାଇଁ ଆଜି ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଶେଷ ହେଉଛି । ଆସନ୍ତାକାଲି ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ଗୁରୁବାର ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ଲାଗି ଦିନ ଧାର୍ଯ୍ୟ କରାଯାଇଛି । ଆସନ୍ତାମାସ ୯ ତାରିଖରେ ସେଠାରେ ଉପନିର୍ବାଚନ ହେବ ।

---

# ଇସି-ବ୍ରୋଡକାଷ୍ଟିଂ

ନିର୍ବାଚନ ଆୟୋଗ ୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ହେବାକୁ ଥିବା ନିର୍ବାଚନ ପାଇଁ ଆକାଶବାଣୀ ଓ ଦୂରଦର୍ଶନ ଜରିଆରେ ପ୍ରସାରଣ ଲାଗି ରାଜନୈତିକ ଦଳଗୁଡ଼ିକ ଲାଗି ସମୟ ଆବଣ୍ଟନ କରିଛନ୍ତି । ଉଭୟ ଦୂରଦର୍ଶନ ଓ ଆକାଶବାଣୀରେ ଦେୟମୁକ୍ତ ପ୍ରସାରଣ ନିମନ୍ତେ ପ୍ରତ୍ୟେକ ରାଜନୈତିକ ଦଳକୁ ୪୫ ମିନିଟ୍ ଲେଖାଏଁ ସମୟ ଆବଣ୍ଟନ କରାଯାଇଛି ।

---

# ଡବ୍ଲ୍ୟୁ.ବି. - ଇ.ସି.ଆଇ.-ଆସାଲ୍ଟ୍

ପଶ୍ଚିମବଙ୍ଗର ପଶ୍ଚିମ ବର୍ଦ୍ଧମାନ ଜିଲ୍ଲା ଅନ୍ତର୍ଗତ ଦୁର୍ଗାପୁରରେ ସରକାରୀ କାନ୍ଥରୁ ରାଜନୈତିକ ପ୍ରଚାର ଲେଖା ହଟାଉଥିବା ସମୟରେ ଦୁଇ ଜଣ ନିର୍ବାଚନ କମିଶନ କର୍ମଚାରୀଙ୍କୁ ଆକ୍ରମଣ କରାଯାଇଛି । କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ, ଉପ-ବିଭାଗୀୟ କାର୍ଯ୍ୟାଳୟର କର୍ମଚାରୀ ସୂର୍ଯ୍ୟକାନ୍ତ ପାଲ ଏବଂ ବିଲ୍ଟୁ ଗୁପ୍ତା କୋରଙ୍ଗପାରା ପୋଷ୍ଟ ଅଫିସ ଅଞ୍ଚଳରେ କାନ୍ଥରୁ ଲେଖା ଲିଭାଇବାରେ ନିୟୋଜିତ ଥିଲେ।

ରିପୋର୍ଟ ଅନୁଯାୟୀ, ସେମାନେ କାମ ସାରି ଫେରିବାପାଇଁ ପ୍ରସ୍ତୁତ ହେଉଥିବାବେଳେ ତୃଣମୂଳ କଂଗ୍ରେସ ସମର୍ଥକମାନେ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। କେନ୍ଦ୍ରୀୟ ବାହିନୀ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ।

ବିଜେପି ଏହି ଘଟଣାର ଦୃଢ଼ ନିନ୍ଦା କରିଛି ଏବଂ ଅଭିଯୋଗ କରିଛି, ଶାସକ ଦଳର ୨ ଜଣ କର୍ମୀ ଆକ୍ରମଣକୁ ବିରୋଧକରିବାରୁ ସେମାନଙ୍କୁ ମଧ୍ୟ ମାଡ଼ ମରାଯାଇଥିଲା।

---

# ଭଗତ ସିଂ-ଟ୍ରିବ୍ୟୁଟ୍

ଶହୀଦ ଦିବସ ଅବସରରେ ଆଜି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ' ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂ, ରାଜଗୁରୁ ଏବଂ ସୁଖଦେବଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି କହିଛନ୍ତି, ଦେଶପାଇଁ ସେମାନଙ୍କ ଅଦମ୍ୟ ସାହସ ଏବଂ ସର୍ବୋଚ୍ଚ ବଳିଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଦେଶର ସ୍ୱାଧୀନତା ସଂଗ୍ରାମରେ ଯୁବାବସ୍ଥାରେ ସେମାନଙ୍କ ଭୂମିକା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଥିଲା । ଭାରତବାସୀଙ୍କ ମନରେ ଦେଶପ୍ରେମର ବହ୍ନି ପ୍ରଜ୍ୱଳିତ କରିବା କ୍ଷେତ୍ରରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ,ସେହି ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅଦମ୍ୟ ସାହସ ଓ ବଳିଦାନକୁ ସମ୍ମାନ ଜଣାଇ କହିଛନ୍ତି, ଦେଶର ସ୍ୱାଧୀନତା ସଂଗ୍ରାମରେ ମୁକ୍ତିର ଆଲୋକ ଦେଖାଇଥିବା ମହାନ୍ ବିପ୍ଳବୀମାନଙ୍କର ଦେଶପ୍ରେମ ଅତୁଳନୀ ଥିଲା ।

ଲୋକସଭା ବାଚସ୍ପତି ଓମ୍ ବିର୍ଲା ମଧ୍ୟ ଭଗତ ସିଂ, ରାଜଗୁରୁ ଏବଂ ସୁଖ୍‌ଦେବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

........................................................................

# ଭିପି-ପିଏମ୍ : ରାମମନୋହର ଲୋହିଆ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଆଜି ରାଜନୈତିକ କାର୍ଯ୍ୟକର୍ତ୍ତା ତଥା ସାମାଜିକ ରାଜନୀତିଜ୍ଞ ଡକ୍ଟର ରାମମୋହନ ଲୋହିଆଙ୍କୁ ତାଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି କହିଛନ୍ତି, ଡକ୍ଟର ଲୋହିଆଙ୍କ ଗଣତାନ୍ତ୍ରିକ ମୂଲ୍ୟବୋଧ ସଂପର୍କିତ ଚିନ୍ତାଧାରା ଏବଂ ଅବହେଳିତ ବର୍ଗର ଜନସାଧାରଣଙ୍କ ପ୍ରତି ସାମାଜିକ ନ୍ୟାୟ ଓ ସଶକ୍ତିକରଣର ମନୋଭାବ ଆଜି ମଧ୍ୟ ପ୍ରେରଣା ଯୋଗାଉଛି । ସେ କହିଛନ୍ତି, ଡକ୍ଟର ଲୋହିଆ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଦୂରଦୃଷ୍ଟିସଂପନ୍ନ ଚିନ୍ତାନାୟକ ଏବଂ ସାମାଜିକ ନ୍ୟାୟର ପ୍ରବକ୍ତା ଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଡକ୍ଟର ଲୋହିଆଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରି ସାମାଜିକ ଗଣମାଧ୍ୟମରେ କହିଛନ୍ତି, ବହୁମୁଖୀ ପ୍ରତିଭାସଂପନ୍ନ ବ୍ୟକ୍ତିତ୍ୱ ଡକ୍ଟର ଲୋହିଆ ଇଂରେଜ ଶାସନ ବିରୁଦ୍ଧରେ ଲୋକମାନଙ୍କୁ ଏକତ୍ର କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେ କହିଛନ୍ତି, ୧୯୪୭ ପରବର୍ତ୍ତୀ ସ୍ୱାଧୀନୋତ୍ତର ବିକାଶମୂଳକ ଅଗ୍ରଗତିରେ ଡକ୍ଟର ଲୋହିଆଙ୍କର ପ୍ରମୁଖ ଭୂମିକା ରହିଥିଲା ।

# ଟ୍ରାଇବାଲ୍ ଗେମ୍ସ

ଛତିଶଗଡ଼ରେ ଚଳିତବର୍ଷର ଖେଲୋ ଇଣ୍ଡିଆ ଟ୍ରାଇବାଲ୍ ଗେମ୍ସ ଆସନ୍ତା ୨୫ ତାରିଖରୁ ଏପ୍ରିଲ୍ ମାସ ୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

ରାୟପୁର, ଜଗଦଲପୁର ଏବଂ ସୁରଗୁଜା ସହରରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୨ ହଜାର ୩୦୦ କ୍ରୀଡ଼ାବିତ୍‌ଙ୍କ ସମେତ ୬ ହଜାର ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ । ସୂଚନା ଅନୁଯାୟୀ ଛତିଶଗଡ଼ର ୩୨ ପ୍ରତିଶତରୁ ଅଧିକ ଜନସଂଖ୍ୟା ଆଦିବାସୀ ସଂପ୍ରଦାୟର ହୋଇଥିବାରୁ ସେମାନଙ୍କ ଅନନ୍ୟ ସଂସ୍କୃତି, ପରମ୍ପରା ଓ କ୍ରୀଡ଼ା ନୈପୁଣ୍ୟତାର ପରିପ୍ରକାଶ ନିମନ୍ତେ ଏଭଳି ପ୍ରତିଯୋଗିତାର ଆୟୋଜନ କରାଯାଉଛି । ଏଥିରେ ତୀର ଚାଳନା, ଫୁଟବଲ, ହକି, ସନ୍ତରଣ, ଭାରୋତ୍ତଳନ ଏବଂ କବାଡ଼ି ଭଳି ପ୍ରତିଯୋଗିତା ଅନୁଷ୍ଠିତ ହେବ ।

## ପାରା ଆଥ୍‌ଲେଟ୍

ଅରୁଣାଚଳ ପ୍ରଦେଶର ପାରା କ୍ରୀଡ଼ାବିତ୍ କିପା ମେରୋ ମହିଳା ଜାଭେଲିନ୍ ଥ୍ରୋର ଏଫ୍-୧୨ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଭୁବନେଶ୍ୱରରେ ଚାଲିଥିବା ୨୪ତମ ଜାତୀୟ ପାରା ଆଥ୍‌ଲେଟିକ୍ସ ପ୍ରତିଯୋଗିତାରେ କିପା ମେରୋ ନିଜର ପୂର୍ବ ରେକର୍ଡ ଭଙ୍ଗ କରିଛନ୍ତି । ସେହିପରି ମହିଳା ୪୦୦ ମିଟର ଦୌଡ଼ର ଟି-୧୩ ବର୍ଗରେ ଟେକି ମେଟା ରୌପ୍ୟ ପଦକ ହାସଲ କରିଛନ୍ତି ।